# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 9 March - 2026

**********************************

## ମୁଖ୍ୟ ସମ୍ବାଦ

## ମୁଖ୍ୟ ସମ୍ବାଦ

- ବିଧାନସଭାରେ ଆଜି ବିଭିନ୍ନ ବିଭାଗର ଷ୍ଟାଣ୍ଡିଂ କମିଟି ରିପୋର୍ଟ ଉପସ୍ଥାପିତ

– ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ୩୪ ଲକ୍ଷ ୭୭ ହଜାର ୫୫୦ ଜଣ ସଦସ୍ୟ ଅନ୍ତର୍ଭୁକ୍ତ

– ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଲେଖାଏଁ ସରକାରୀ ନର୍ସିଂ ତାଲିମ କେନ୍ଦ୍ର ପ୍ରତିଷ୍ଠା କରାଯିବ; ଗୃହରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସୂଚନା

- ସଶକ୍ତ ଷ୍ଟାର୍ଟଅପ୍ ରାଜ୍ୟକୁ ସମୃଦ୍ଧି ଦିଗରେ ଆଗେଇ ନେଇପାରିବ; କହିଲେ ବିଭାଗୀୟ ମନ୍ତ୍ରୀ

- ରାଜ୍ୟସଭା ନିର୍ବାଚନ ପାଇଁ ଆଜି ଶେଷ ହେଲା ପ୍ରାର୍ଥୀପତ୍ର ପ୍ରତ୍ୟାହାର; ଆସନ୍ତା ୧୬ ତାରିଖରେ ଅନୁଷ୍ଠିତ ହେବ ନିର୍ବାଚନ

ଏବଂ

- ଆଗାମୀ ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ହେବା ନେଇ ୪ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା

BBSR/R

## ବିଧାନସଭା– ଇଣ୍ଟ୍ରୋ

ସପ୍ତଦଶ ବିଧାନସଭା ବଜେଟ୍ ଅଧିବେଶନର ଦ୍ୱିତୀୟାର୍ଦ୍ଧରେ ଆଜି ବିଭିନ୍ନ ବିଭାଗର ଷ୍ଟାଣ୍ଡିଂ କମିଟି ରିପୋର୍ଟ ଉପସ୍ଥାପିତ ହୋଇଛି। ବାଚସ୍ପତି ସୁରମା ପାଢ଼ି ରିପୋର୍ଟ ଉପସ୍ଥାପନ ପରେ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି। ଗୃହର ପ୍ରଥମାର୍ଦ୍ଧରେ ବିରୋଧୀ ଦଳ ସଦସ୍ୟଙ୍କ ପକ୍ଷରୁ ରାଜ୍ୟରେ ଖାଦ୍ୟ ସୁରକ୍ଷା ବ୍ୟବସ୍ଥାକୁ ନେଇ ଆଗତ ମୁଲତବୀ ପ୍ରସ୍ତାବ ଉପରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଉତ୍ତର ରଖିଥିଲେ।

BBSR/R

## ବିଧାନସଭା– ଖାଦ୍ୟ ସୁରକ୍ଷା

ବିଧାନସଭାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ତଥା ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନସ୍ଥ ସାଧାରଣ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ରାଜ୍ୟ ସରକାର ହିତାଧିକାରୀଙ୍କୁ ମାସିକ ନିୟମିତ ଚାଉଳ କୋଟା ଯୋଗାଇ ଦେଉଛନ୍ତି। ବର୍ତ୍ତମାନ ରାଜ୍ୟରେ ୧୨ ଲକ୍ଷ ୩୭ ହଜାର ୩୯୯ ପରିବାରର ୩୪ ଲକ୍ଷ ୭୭ ହଜାର ୫୫୦ ସଦସ୍ୟ ଅନ୍ତ୍ୟୋଦୟ ଅନ୍ନ ଯୋଜନା ଶ୍ରେଣୀରେ ଅନ୍ତର୍ଭୁକ୍ତ ରହିଛନ୍ତି। ୮୬ ଲକ୍ଷ ୬୨୫ ପରିବାରର ୨ କୋଟି ୯୧ ଲକ୍ଷ ୧୮ ହଜାର ୫୭୬ ସଦସ୍ୟ ଅଗ୍ରାଧିକାର ପରିବାର ଶ୍ରେଣୀରେ ସାମିଲ ରହିଛନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ

ସମୁଦାୟ ୯୮ ଲକ୍ଷ ୩୭ ହଜାର ୨୪ ପରିବାରର ୩ କୋଟି ୨୫ ଲକ୍ଷ ୯୬ ଜାର ୧୨୬ ଜଣ ହିତାଧିକାରୀ ଖାଦ୍ୟ ସୁରକ୍ଷା ଯୋଜନାରେ ଉପକୃତ ହେଉଛନ୍ତି। ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ୨ଲକ୍ଷ ୯୮ ହଜାର ୭୨୭ ପରିବାରର ୫ ଲକ୍ଷ ୬୨ ହଜାର ୭୪୧ ସଦସ୍ୟ ଅର୍ନ୍ତଭୁକ୍ତ ଅଛନ୍ତି।

Assembly

## ବିଧାନସଭା-ମେଡିକାଲ

ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଲେଖାଏଁ ସରକାରୀ ନର୍ସିଂ ତାଲିମ କେନ୍ଦ୍ର ପ୍ରତିଷ୍ଠା କରାଯିବ ବୋଲି ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି। ସଦସ୍ୟ ସରୋଜ କୁମାର ପାଢ଼ିଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ମହାଲିଙ୍ଗ କହିଛନ୍ତି, ୨୦୨୬-୨୭ ଆର୍ଥିକ ବର୍ଷ ବଜେଟ୍‌ରେ ଏଥିପାଇଁ ବ୍ୟବସ୍ଥା କରାଯାଇଛି। ରାଜ୍ୟରେ ନର୍ସିଂ ଶିକ୍ଷା ଓ ସେବା କ୍ଷେତ୍ରକୁ ସୁଦୃଢ଼ କରିବା ସହିତ ବ୍ୟାପକ ସଂସ୍କାର ଆଣିବା ପାଇଁ ରାଜ୍ୟ ସରକାର ବିହିତ ପଦକ୍ଷେପ ଗ୍ରହଣ କରିଛନ୍ତି। ଗଞ୍ଜାମ ଜିଲ୍ଲାରେ ବର୍ତ୍ତମାନ ଗୋଟିଏ ସରକାରୀ ନର୍ସିଂ କଲେଜ ଓ ଏ.ଏନ୍.ଏମ୍. ତାଲିମ କେନ୍ଦ୍ର ରହିଛି। ରାଜ୍ୟରେ ୧୬ଟି ସରକାରୀ ମେଡିକାଲ କଲେଜ ରହିଛି। ଏଥିରେ ୧ ହଜାର ୮୦୦ ଏମ୍.ବି.ବି.ଏସ୍. ଓ ୬୧୫ଟି ପି.ଜି., ୫୭ଟି ସୁପର ସ୍ପେଶିଆଲିଟି ସିଟ୍ ରହିଛି ବୋଲି ମନ୍ତ୍ରୀ ଡକ୍ଟର ମହାଲିଙ୍ଗ କହିଛନ୍ତି।

Desk

## ବିଧାନସଭା– ସଡ଼କ ଦୁର୍ଘଟଣା

ରାଜ୍ୟରେ ଗତ ୧୦ ବର୍ଷରେ ୧ ଲକ୍ଷ ୧୩ ହଜାର ୩୨୫ଟି ସଡ଼କ ଦୁର୍ଘଟଣାଜନିତ ମାମଲା ସହିତ ୫୩ ହଜାର ୪୫୧ ଜଣଙ୍କ ମୃତ୍ୟୁ

ଘଟିଥିବା ନେଇ  ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ସୂଚନା ଦେଇଛନ୍ତି। ସଦସ୍ୟ ବିଭୂତି ଭୂଷଣ ବଳବନ୍ତରାୟଙ୍କ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରତ୍ୟେକ ଦିନ ସଡ଼କ ଦୁର୍ଘଟଣାରେ ପ୍ରାୟ ୧୭ ଜଣଙ୍କ ମୃତ୍ୟୁ ହେଉଛି। ୨୦୨୪ ମସିହାରେ ୧୨ ହଜାର ୩୭୫ ମାମଲା ରୁଜୁ ସହ ୬ ହଜାର ୧୪୨ ଜଣଙ୍କ ପ୍ରାଣହାନୀ ହୋଇଛି। ୨୦୨୫ ମସିହାରେ ୧୨ ହଜାର ୭୮୨ ମାମଲା ସହିତ ୬ ହଜାର ୪୮୩ ଜଣଙ୍କ ମୃତ୍ୟୁ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ଗୃହକୁ ଅବଗତ କରାଇଛନ୍ତି।

I&PR

## ଷ୍ଟାର୍ଟ ଅପ୍ ସମ୍ମିଳନୀ

ସଶକ୍ତ ଷ୍ଟାର୍ଟ-ଅପ୍ ରାଜ୍ୟକୁ ସମୃଦ୍ଧି ଦିଗରେ ଆଗେଇ ନେଇପାରିବ ବୋଲି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ  ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି। ଭୁବନେଶ୍ୱରସ୍ଥିତ ଓ-ହବ୍‌ଠାରେ ଆୟୋଜିତ ଷ୍ଟାର୍ଟ ଅପ୍ ସମ୍ମିଳନୀରେ ଯୋଗଦେଇ ଶ୍ରୀ ମଲ୍ଲିକ କହିଛନ୍ତି, ଷ୍ଟାର୍ଟ ଅପ୍ ଉଦ୍ୟୋଗୀଙ୍କ ସ୍ୱପ୍ନ ଓ ସଂକଳ୍ପକୁ ସାକାର କରିବା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି।

**- V/O -**

କାର୍ଯ୍ୟକ୍ରମରେ ବିଭାଗୀୟ ବିଭାଗୀୟ ଶାସନ ସଚିବ ରଶ୍ମିତା ପଣ୍ଡା ଯୋଗଦେଇ କହିଛନ୍ତି, ଷ୍ଟାର୍ଟ ଅପ୍ ଉଦ୍ୟୋଗୀଙ୍କୁ ମାସିକ ଭତ୍ତା ଅନୁଦାନ, ଉତ୍ପାଦ ବିକାଶ ଏବଂ ମାର୍କେଟିଂ ସହାୟତା, ଆବଶ୍ୟକତା ଆଧାରିତ ସହଯୋଗ ମାଧ୍ୟମରେ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯାଉଛି।

ସମ୍ମିଳନୀରେ ୧୨ ଜଣ ଯୁବ ଷ୍ଟାର୍ଟ ଅପ୍ ଉଦ୍ୟୋଗୀଙ୍କୁ ମନ୍ତ୍ରୀ ଶ୍ରୀ ମଲ୍ଲିକ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ ।

I&PR

## ସାଇବର କବଚ

ରାଜ୍ୟରେ ସାଇବର ଅପରାଧକୁ ରୋକିବା ପାଇଁ ପାଇଁ ଓଡ଼ିଶା ପୁଲିସ ପକ୍ଷରୁ ଅପରେସନ୍ ସାଇବର କବଚ ଜାରି ରହିଛି । ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ସାଇବର ଅପରାଧ ଶାଖାଙ୍କ ଦ୍ୱାରା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଅଭିଯାନ ଅଧୀନରେ ବର୍ତ୍ତମାନ ସୁଦ୍ଧା ୩୨ ହଜାର ୯୩୨ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରାଯାଇଛି । ଏଥିସହିତ  ୧ହଜାର ୯୬ଟି ସାଇବର ମାମଲା, ୩୩୧ ଜଣ ଅଭିଯୁକ୍ତଙ୍କୁ ଗିରଫ ଓ ଅପରାଧ ସହ ଜଡ଼ିତ ୬ ହଜାର ୭୨୩ଜଣ ସନ୍ଦିଗ୍ଧ ଆକାଉଣ୍ଟଧାରୀ ସହାୟକଙ୍କୁ ଆଇନଗତ ନୋଟିସ ଜାରି କରାଯାଇଛି । ଡିଜିଟାଲ କାରବାରର ସୁରକ୍ଷା ପାଇଁ ଓଡ଼ିଶା ପୁଲିସ ସର୍ବଦା ପ୍ରତିଶ୍ରୁତିବଦ୍ଧ । ସାଇବର ଅପରାଧ ମୁକ୍ତ ଓଡ଼ିଶା ଗଠନ ପାଇଁ ଏହି ଅଭିଯାନ ଆଗାମୀ ଦିନରେ ଆହୁରି କଡ଼ାକଡ଼ି କରାଯିବ ବୋଲି ଡିଜିପି ଶ୍ରୀ ଖୁରାନିଆ କହିଛନ୍ତି ।

Desk

# ରାଜ୍ୟସଭା ନିର୍ବାଚନ-ପ୍ରାର୍ଥୀପତ୍ର

ରାଜ୍ୟସଭା ନିର୍ବାଚନ ପାଇଁ ଆଜି ପ୍ରାର୍ଥୀପତ୍ର ପ୍ରତ୍ୟାହାର ଶେଷ ହୋଇଛି । ଏଥିପାଇଁ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରାଯାଇଥିଲା । ଓଡ଼ିଶାରେ ୪ଟି ଆସନ ପାଇଁ ୫ ଜଣଙ୍କ ପ୍ରାର୍ଥିପତ୍ର କାଏମ ରହିଛି । ବିଜେପି ପ୍ରାର୍ଥୀ ମନମୋହନ ସାମଲ, ସୁଜିତ କୁମାର,

ବିଜେଡି ପ୍ରାର୍ଥୀ ସନ୍ତୃପ୍ତ ମିଶ୍ର ଓ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ, କଂଗ୍ରେସ-ବିଜେଡିର କମନ୍ କ୍ୟାଣ୍ଡିଡେଟ୍ ଦଣ୍ଡେଶ୍ୱର ହୋତା ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଆସନ୍ତା ୧୬ ତାରିଖ ସକାଳ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ କରାଯିବ ବୋଲି ଜଣାଯାଇଛି । ଗୃହ କାର୍ଯ୍ୟ ଚାଲିବା ସହିତ ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ମତଦାନ କରାଯିବ । ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଫେବୃୟାରୀ ମାସ ୨୬ ତାରିଖରେ ରାଜ୍ୟ ସଭା ନିର୍ବାଚନ ଲାଗି ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଓଡ଼ିଶା, ବିହାର ଓ ହରିୟାଣା ପାଇଁ ବିଜେପି ପକ୍ଷରୁ ପର୍ଯ୍ୟବେକ୍ଷକ ନିଯୁକ୍ତି କରାଯାଇଛି। ଓଡ଼ିଶା ପାଇଁ ମହାରାଷ୍ଟ୍ର ସରକାରଙ୍କ ମନ୍ତ୍ରୀ ଚନ୍ଦ୍ରଶେଖର ବାବନକୁଲେ ଦଳୀୟ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି।

Puri

## ଚୈତ୍ର ପାଳିଯାତ୍ରା

ପବିତ୍ର ଚୈତ୍ରମାସର ଆସନ୍ତାକାଲି ପ୍ରଥମ ମଙ୍ଗଳବାରରେ କାକଟପୁରଠାରେ ମା' ମଙ୍ଗଳାଙ୍କର ପ୍ରସିଦ୍ଧ ଚୈତ୍ର ପାଳିଯାତ୍ରା ଆରମ୍ଭ ହେବ। ଚଳିତ ମାସ ପ୍ରତି ମଙ୍ଗଳବାର ଦିନ ମା'ଙ୍କର ସ୍ୱତନ୍ତ୍ର ପୂଜା ନୀତି ଅନୁଷ୍ଠିତ ହେବ। ଆସନ୍ତା ମାସ ୭ ତାରିଖ ପଞ୍ଚମ ପାଳିରେ ପୀଠରେ ପବିତ୍ର ଝାମୁ ଯାତ୍ରା ଅନୁଷ୍ଠିତ ହେବ। ଆସନ୍ତାକାଲି ସକାଳ ୫ଟା ୩୦ ମିନିଟ୍ ସମୟରେ ଶ୍ରଦ୍ଧାଳୁମାନେ ମଙ୍ଗଳା ମନ୍ଦିରରେ ସାହାଣ ମେଳା ଦର୍ଶନ କରିପାରିବେ।

Kandhamal

## ସୂଚନା ଅଧିକାର ଆଇନ

ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ସମ୍ମିଳନୀ କକ୍ଷରେ ସୂଚନା ଅଧିକାର ଆଇନ-୨୦୦୫ ଉପରେ ଦିନିକିଆ ସଚେତନତା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସୂଚନା ଅଧିକାର ଆଇନ-୨୦୦୫ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ଅବସରରେ ସୂଚନା ଅଧିକାର ଆଇନ-୨୦୦୫ ଉପରେ ଆୟୋଜିତ ଓଡ଼ିଆ ଓ ଇଂରାଜୀ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

Malkangiri

## ସତ୍ୟାଗ୍ରହ ଅନୁଷ୍ଠିତ

ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦଣ୍ଡକାରଣ୍ୟ ବିକାଶ ମହାମଞ୍ଚ ପକ୍ଷରୁ ଆଞ୍ଚଳିକ ବୈଷମ୍ୟ ଓ ବିକାଶର ବିକେନ୍ଦ୍ରୀକରଣ ଦାବିରେ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଯାଇଛି। ପୋଲାଭରମ ପ୍ରକଳ୍ପର ଉଚ୍ଚତା ବୃଦ୍ଧି ବିରୁଦ୍ଧରେ ମହାମଞ୍ଚ ପକ୍ଷରୁ ମଧ୍ୟ ସ୍ୱର ଉତ୍ତୋଳନ କରାଯାଇଛି।

Gajapati

## ତାଲିମ ଶିବିର

ଗଜପତି ଜିଲ୍ଲା ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ତିନିଦିନିଆ ଜନଗଣନା ତାଲିମ ଶିବିର ଆରମ୍ଭ ହୋଇଛି। ଶିବିରରେ ୨୦୨୭ ଜନଗଣନା ପାଇଁ ତାଲିମ ପ୍ରଦାନ କରାଯାଉଛି। ଆସନ୍ତା ବୁଧବାର ପର୍ଯ୍ୟନ୍ତ ହେବାକୁ ଥିବା ଏହି ଶିବିରରେ ଜିଲ୍ଲାର ସମସ୍ତ ତହସିଲ, ପୌରପାଳିକା ଓ ବିଜ୍ଞପିତ ଅଞ୍ଚଳ ପରିଷଦର ୨୨ ଜଣ କ୍ଷେତ୍ର ପ୍ରଶିକ୍ଷଣ ଅଂଶଗ୍ରହଣ କରିଛନ୍ତି।

Desk

# ଖସାପଡା ନୀତି

**ପୁରୀ** ଶ୍ରୀମନ୍ଦିରରେ ଆଜି ଚୈତ୍ର କୃଷ୍ଣ ଷଷ୍ଠୀ ତିଥିରେ ଶ୍ରୀଜୀଉମାନଙ୍କର ଖସାପଡା ନୀତି ଅନୁଷ୍ଠିତ ହୋଇଛି। ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ସନ୍ଧ୍ୟା ୬ଟାରୁ  ଗୁପ୍ତନୀତି ଆରମ୍ଭ ହୋଇଛି। ଏହି ନୀତି ରାତି ୧୦ଟାରେ ସମ୍ପନ୍ନ ହେବ। ଏଥିପାଇଁ ସର୍ବସାଧାରଣ ଦର୍ଶନକୁ ପ୍ରାୟ ୪ ଘଣ୍ଟା ବନ୍ଦ ରଖାଯାଇଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

Sambalpur

# ସଡ଼କ ଦୁର୍ଘଟଣା

ସମ୍ବଲପୁର ଜିଲ୍ଲା ଜମନକିରା ଥାନା ଅନ୍ତର୍ଗତ ବଡ଼ରମା ପଞ୍ଚାୟତ ଡିମିରିମୁଣ୍ଡା, ପିଠାମାରେନ ଛକରେ ସଡ଼କ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ହୋଇଛି। କୁଚିଣ୍ଡା ଉପଖଣ୍ଡ ସରକାରୀ ହସ୍ପିଟାଲରେ ଡାକ୍ତର ତିନି ଜଣଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ସକାଳ ୧୦ଟା ସମୟରେ କଣ୍ଟେନର ଓ ବାଇକ୍ ମୁହାଁମୁହିଁ ହେବା ଫଳରେ ଏହି ଦୁର୍ଘଟଣା ଘଟିଥିଲା।

Baragarh/Deogarh/BHK/Kendrapara/Boud/Nayagarh

# ଜନ ଅଭିଯୋଗ ଶୁଣାଣି ଶିବିର

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି।

କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ମୋଟ ୧୬୬ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୭ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା।

ଭଦ୍ରକ ଜିଲ୍ଲା ତିହିଡ଼ି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ଶିବିରରେ ୧୮ଟି ଅଭିଯୋଗର ଶୁଣାଣି କରାଯିବା ସହ ୨ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ଆଜି ଅନୁଷ୍ଠିତ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିରରେ ପଞ୍ଜୀକୃତ ହୋଇଥିବା ୧୧୧ଟି ଦରଖାସ୍ତ ମଧ୍ୟରୁ ୬୨ଟି ମାମଲାର ତତ୍କାଳ ସମାଧାନ କରାଯାଇଥିଲା ।

ବୌଦ୍ଧ ଜିଲ୍ଲା ଚାରିଛକସ୍ଥିତ ହରଭଙ୍ଗା ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ ମୋଟ ୫୫ଟି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା । ସେଥିମଧ୍ୟରୁ ୨୨ଟି ଅଭିଯୋଗର ସମାଧାନ କରାଯାଇଥିଲା ।

ବରଗଡ଼ ପାଇକମାଳ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଶିବିରରେ ୬ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା ।

ଦେବଗଡ଼ ରିଆମାଳ ବ୍ଲକ କଲ୍ୟାଣ ମଣ୍ଡପ ସମ୍ମିଳନୀରେ ଅନୁଷ୍ଠିତ ଶୁଣାଣି ଶିବିରରେ ମୋଟ ୧୪ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା ।

Desk

## ପାଣିପାଗ

ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ପାର୍ଶ୍ୱବର୍ତ୍ତୀ ଉତ୍ତର ଓଡ଼ିଶାର ବାୟୁମଣ୍ଡଳରେ ସକ୍ରିୟ ଘୂର୍ଣ୍ଣିବଳୟର ପ୍ରଭାବ ରହୁଥିବାରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ ଜିଲ୍ଲାର

ଗୋଟିଏ ଦୁଇଟି ସ୍ଥାନରେ ବଜ୍ରପାତ ସହିତ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଆଗାମୀ ଦୁଇଦିନ ମଧ୍ୟରେ ରାଜ୍ୟରେ ତାପମାତ୍ରା ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇବା ସମ୍ଭାବନା ରହିଛି। ଆସନ୍ତାକାଲିଠାରୁ ୧୫ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି।